ଧରିତ୍ରୀ
DHARITRI

October 18-24, 2020 ₹ 2/-

# ଛୁଟି ଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ



ସେଲ୍ଫି ନିଶା ଏବେ ସମସ୍ତଙ୍କୁ କବଳିତ କରିଛି। କିନ୍ତୁ ପ୍ରକୃତରେ ଏହି ନିଶା ବହୁତ ଆଗରୁ ଥିଲା। ପୁଣି କେବଳ ମଣିଷଙ୍କ ଭିତରେ ନୁହେଁ ପ୍ରାଣୀମାନଙ୍କ ମଧ୍ୟରେ ବି ଥିଲା...

## ସେଲ୍ଫି

### ଏବେ ନୁହେଁ, ଅନେକ ଆଗରୁ

୫
ସିନେମା



# ନବରାତ୍ରି ଓ ବାସ୍ତୁ


ନବରାତ୍ରିର ପବିତ୍ର ଉତ୍ସବରେ ମା'ଙ୍କର ନଅ ରୂପର ହୁଏ ପୂଜା। ଏହି ପୂଜା ସମୟରେ ଯଦି କିଛିଟା ବାସ୍ତୁଶାସ୍ତ୍ର ଉପରେ ଧ୍ୟାନ ଦିଆଯାଏ,ତେବେ ମନୋବାଞ୍ଛିତ ଫଳ ନିଶ୍ଚୟ ପ୍ରାପ୍ତି ହେବ। ତା'ସହ ଘରକୁ ସୁଖ, ଶାନ୍ତି ଓ ସମୃଦ୍ଧି ଆସିବ ବୋଲି ବିଶ୍ୱାସ ରହିଛି। ପ୍ରଥମତଃ ମା'ଙ୍କୁ ଘରକୁ ସ୍ୱାଗତ କରିବା ପୂର୍ବରୁ ଘରକୁ ବିଶେଷଭାବେ ସଫା କରନ୍ତୁ। ଘରର ଅଦରକାରୀ ତଥା ଅଳିଆ ଜିନିଷକୁ ବାହାର କରନ୍ତୁ। ପୁରୁଣା ଛିଣ୍ଡା ଜୋତା ଚପଲ ଥିଲେ ତାକୁ ବାହାର କରନ୍ତୁ। ଧୂପଦୀପରେ ଘରର ବାତାବରଣକୁ ସୁନ୍ଦର କରନ୍ତୁ। ପୂଜାସ୍ଥାନ ସଫା ରହିବା ଜରୁରୀ। ଘରେ ପୂଜା ପୂର୍ବ ଦିଗକୁ ମୁହଁ କରି କରିବା ଉଚିତ। ମା'ଙ୍କ ମୂର୍ତ୍ତି ଉତ୍ତର ପୂର୍ବ ଦିଗରେ ରଖନ୍ତୁ, ଯେମିତିକି ତାଙ୍କ ମୁହଁ ଦକ୍ଷିଣମୁଖୀ ହେବ। ଅଖଣ୍ଡ ଦୀପକୁ ଦକ୍ଷିଣ ପୂର୍ବ ଦିଗରେ ଜଳାନ୍ତୁ। ପୂଜା ପୂର୍ବରୁ ହଳଦୀ କୁମକୁମରେ ସ୍ୱସ୍ତିକ ଚିହ୍ନ କରନ୍ତୁ। ଯଦ୍ୱାରା ଘରେ ସକାରାତ୍ମକ ଉର୍ଜା ପ୍ରବାହିତ ହୁଏ। ପୂଜାସ୍ଥଳର ସାଜସଜ୍ଜା ଉପରେ ବିଶେଷ ଧ୍ୟାନ ଦିଅନ୍ତୁ। ସେଠାରେ ଧଳା, ଈଷତ୍ ହଳଦିଆ, ସବୁଜ ପରି ରଙ୍ଗର ପେଣ୍ଟ ହୋଇଥିଲେ ଭଲ। ମା'ଙ୍କ ପୂଜା ପାଇଁ ତାଜା ଲାଲ ରଙ୍ଗର ଫୁଲ ବ୍ୟବହାର କରନ୍ତୁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର


ଅକ୍ଟୋବର ୧୮-୨୪

**ମେଷ**



ମିତ୍ରଲାଭ, ମାନସିକ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି, ପାରିବାରିକ ସଦ୍‌ଭାବ, ଗୃହଭୂମି କ୍ରୟବିକ୍ରୟ। ନୂତନବନ୍ଧୁ ସଂପର୍କ, ବ୍ୟବସାୟିକ ସଫଳତା। ଶାରୀରିକ ଅସୁସ୍ଥତା, ପରିବହନରେ କ୍ଷତି, ପର୍ଯ୍ୟଟନର ସୁଯୋଗ ।।

**ବୃଷ**




କାର୍ଯ୍ୟସିଦ୍ଧି, ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ମାନ, ଯାନବାହନ କ୍ରୟ। ବିଦେଶ ଯାତ୍ରା, ଆକସ୍ମିକ କଳହ, ନୀଚଜନ ସମ୍ପର୍କରୁ ନିନ୍ଦା। ମନୋରଞ୍ଜନର ମଉଜ, ବିଳାସ ଉପକରଣ ପ୍ରାପ୍ତି, ଯୁକ୍ତିତର୍କରୁ ବିବାଦ, କଚେରି ମାମଲା ।।

**ମିଥୁନ**



ପାରିବାରିକ ସୌଖ୍ୟ, ନିଯୁକ୍ତି ସୁଯୋଗ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ପାରିବାରିକ ଅସୁସ୍ଥତା ବ୍ୟବସାୟରେ କ୍ଷତି, ଯାନବାହନରେ ଖର୍ଚ୍ଚାନ୍ତ, କର୍ମକ୍ଷେତ୍ରରେ ମନସ୍ତାପ, ସମସ୍ୟାର ସମାଧାନ ।।

**କର୍କଟ**




ଅର୍ଥ ସଂକଟ, ମାନସିକ ଅସ୍ଥିରତା, ପାରିବାରିକ ସଦ୍ଭାବ, ଯାତ୍ରାକୁଶଳ, ବାଣିଜ୍ୟର ଅଭିବୃଦ୍ଧି, ବ୍ୟବସାୟରେ ଉନ୍ନତି, ସ୍ୱାସ୍ଥ୍ୟ ଖରାପ। ଆନୁଷ୍ଠାନିକ କାର୍ଯ୍ୟ, ପ୍ରତିବନ୍ଧକ ଦୂରେଇବ, ନୂତନ କର୍ମାରମ୍ଭ, ଅପ୍ରୀତିକର ପରିସ୍ଥିତି ।।

**ସିଂହ**



ବିବାଦରେ ବିଜୟ, ପରିବହନରେ କ୍ଷତି, ଭୁଲ୍ ବୁଝାମଣା। ପୁରାତନ ରୋଗପୀଡା, ସାମୟିକ ଅସୁସ୍ଥତା, ସାଂଗଠନିକ ସଫଳତା, ପ୍ରତିଯୋଗିତାରେ ପୁରସ୍କାର ।।

**କନ୍ୟା**



ଭୋଗବିଳାସ, ଅର୍ଥ ପ୍ରାଚୁର୍ଯ୍ୟ, କାର୍ଯ୍ୟସିଦ୍ଧି, ଉଚ୍ଚଆଶା। ସାମାଜିକ ସମ୍ମାନ, ପରୋପକାରରୁ ପ୍ରଶଂସା, ଯାନ୍ତ୍ରିକ ଜିନିଷ କ୍ରୟ, ଜମିବାଡି ବିକ୍ରୟ, ନିର୍ମାଣରେ ସମସ୍ୟା, ରାଜନୈତିକ ତତ୍ପରତା ।।

**ତୁଳା**




ନୂତନ କର୍ମାରମ୍ଭ, କରଜଦାତାଙ୍କ ଚାପ, ଋଣ ପରିଶୋଧ। ସମ୍ପର୍କୀୟଙ୍କ ଅନୁକମ୍ପା, ଭ୍ରାତୃସମ୍ପର୍କରେ ନ୍ୟୁନତା, ଯାନବାହନରେ ତ୍ରୁଟି, ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି, ସଂଗୀତ ସାଧନା, ନୃତ୍ୟବାଦ୍ୟରେ ସୁନାମ, ଲୋକ ସମ୍ପର୍କ ବୃଦ୍ଧି ।।

**ବିଛା**



ନିରାଶାର ପରିସମାପ୍ତି, ସରକାରୀ ସୁବିଧା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ସଭାସମିତିକୁ ନିମନ୍ତ୍ରଣ, ସହକର୍ମୀଙ୍କ ବିରୋଧ, ନିଶାସେବନରୁ ସମସ୍ୟା, ଶେୟାର ବଜାରରେ ନିମ୍ନାଙ୍କ, ଶିକ୍ଷାରେ ଉନ୍ନତି, ନୂତନ ସମ୍ପର୍କ ।।

**ଧନୁ**




ପାରିବାରିକ ସୌହାର୍ଦ୍ଦ୍ୟ, ଆତ୍ମୀୟଙ୍କ ସୁପରାମର୍ଶ, ସନ୍ତୁଳିତ ମନ, ଗୃହଭୂମି ଲାଭ, ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ବିତର୍କ, ରଚନାତ୍ମକ କାର୍ଯ୍ୟ, ଜମିଜମା କ୍ରୟ, ଫାଇଲ୍‌କାମର ଟେନ୍ସନ୍, ଅପ୍ରୀତିକର ପରିସ୍ଥିତି ।।

**ମକର**



ସମସ୍ୟା ସମାଧାନ, ସାମାଜିକ ସମ୍ମାନ, ବୈଷୟିକ ଉନ୍ନତି, ପଡୋଶୀଙ୍କ ସୌଜନ୍ୟତା, ରୋଗର ପ୍ରାଦୁର୍ଭାବ। କଳହ, ଅଜଣା ଭୟ ଆଶଙ୍କା, ଆନୁଷ୍ଠାନିକ କର୍ମ, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ସରକାରୀ ମନ୍ତ୍ରଣା ।।

**କୁମ୍ଭ**



ସ୍ୱାସ୍ଥ୍ୟୋନ୍ନତି, ସହକର୍ମୀଙ୍କ ସହଯୋଗ, ଭୁଲ୍ ବୁଝାମଣାରୁ କଳହ, ବନ୍ଧୁଙ୍କ ଅବଦାନ, ରୋଗପୀଡା। ସୀମାବିବାଦ, ଲେଖାପଢାରେ ଉନ୍ନତି, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଗବେଷଣାରେ ସୁନାମ ।।


**ମୀନ**



ପରୋପକାରରୁ ପ୍ରଶଂସା, ପରିଭ୍ରମଣର ସୁଯୋଗ, କାର୍ଯ୍ୟସିଦ୍ଧିରେ ବିଳମ୍ବ, ଅର୍ଥପ୍ରାପ୍ତିରେ ପ୍ରତୀକ୍ଷା, ବନ୍ଧୁଙ୍କ ଅନାଦର। କର୍ମକ୍ଷେତ୍ରରେ ଅସହଯୋଗ, ସ୍ୱାସ୍ଥ୍ୟ ସମସ୍ୟା, କାରବାରରେ ସଫଳତା, ବନ୍ଧୁମିଳନ, ଅପୂର୍ବ ସୁଯୋଗ ଲାଭ ।।

# ମୂଷାକୁ ମିଳିଲା ଗୋଲ୍ଡ ମେଡାଲ

ଖେଳକୁଦ ହେଉ କି ପାଠପଢା ଯିଏ ଯେଉଁ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରେ, ସେମାନଙ୍କୁ ମିଳିଥାଏ ଗୋଲ୍ଡ ମେଡାଲ ବା ସ୍ୱର୍ଣ୍ଣ ପଦକ। ଏମିତି କି ସାହସିକତାର କାମ କଲେ ବି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥାଏ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ମଣିଷ ପାଉଥିବା ଏହି ସ୍ୱର୍ଣ୍ଣପଦକ ଏବେ ଏକ ମୂଷା ପାଇଛି। ବିଶ୍ୱାସ ନ ହେଲେ ବି କଥାଟି ସତ। ମୂଷାଟି ଯେଉଁଥିପାଇଁ ଏହି ପଦକ ପାଇଛି ସେ କଥା ଜାଣି ଆହୁରି ଆଶ୍ଚର୍ଯ୍ୟ ଲାଗିବ। କାରଣ ମୂଷାଟି ତା'ର ଦୁଃସାହସିକ କାର୍ଯ୍ୟ ପାଇଁ ଏହି ମେଡାଲ୍ ପାଇଛି। ଘଟଣାଟି ଘଟିଛି ବ୍ରିଟେନ୍‌ରେ। ଏଠାରେ ଆଫ୍ରିକୀୟ ପ୍ରଜାତିର ଉକ୍ତ ମୂଷା ଅନେକ ଲୋକଙ୍କ ଜୀବନ ବଞ୍ଚାଇଛି। ମୂଷାଟି କମ୍ବୋଡିଆରେ ନିଜର ପ୍ରଖର ଘ୍ରାଣଶକ୍ତି ବଳରେ ୩୯ଟି ବାରୁଦଭରା ସୁଡଙ୍ଗକୁ ଖୋଜି ବାହାର କରିଥିଲା। ଏହାସହିତ ୨୮ଟି ଜୀବନ୍ତ ବିସ୍ଫୋଟକ ମଧ୍ୟ ଖୋଜି ବାହାର କରିଥିଲା। ଫଳରେ ହଜାର ହଜାର ଲୋକଙ୍କ ଉପରେ ଥିବା ବଡ ବିପଦ ଟଳି ଯାଇଥିଲା। ଏହି ସାହସୀ ମୂଷାର ନାମ ହେଉଛି 'ମାଗାବା'। ବ୍ରିଟେନର ଚାରିଟି ସଂସ୍ଥା ପିଡିଏସ୍‌ଏ ଏହି ମୂଷାକୁ ତା'ର ସାହସିକତା ପାଇଁ ଗୋଲ୍ଡ ମେଡାଲ ପ୍ରଦାନ କରିଛି। ମାଗାବାକୁ ଏହି କାମ ପାଇଁ ଏପିଓପିଓ ନାମକ ଚାରିଟି ସଂସ୍ଥା ତାଲିମ ପ୍ରଦାନ କରିଥିଲା। ସାଧାରଣ ମୂଷାଠୁ ଉକ୍ତ ମୂଷାର ଆକାର ବଡ଼। ଏହାର ଓଜନ ପ୍ରାୟ ୧.୨ କି.ଗ୍ରା.। କିନ୍ତୁ ବିସ୍ଫୋଟକ ଉପରେ ଚାଲିକରି ଗଲା ବେଳେ ବି ଏହାର ଓଜନରେ ବିସ୍ଫୋଟ ହୋଇ ନ ଥାଏ। ମାଗାବାକୁ ଏଭଳି ତାଲିମ ମିଳିଛି ଯେ, ସେ ମାତ୍ର ୩୦ ମିନିଟ୍‌ରେ ଏକ ଟେନିସ୍ କୋର୍ଟ ଭଳି ଏରିଆକୁ ସୁଙ୍ଘି ଯାଞ୍ଚ କରିପାରେ। ମାଗାବା ଏବେ 'ହୀରୋ ର୍‍ୟାଟ୍' ନାମରେ ବି ପରିଚିତ।



## ପାଠକୀୟ

➤ ଛୁଟିଦିନର ଅକ୍ଟୋବର ୪-୧୦ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଉଦ୍ଭାବନର ଦେଶ ଭାରତ' ପଠନୀୟ ଓ ଶିକ୍ଷଣୀୟ ହୋଇଛି। ଲେଖାଟିରୁ ବହୁତ କିଛି ଜାଣିବାର ସୁଯୋଗ ମିଳିଲା। ସୃଜନ ପୃଷ୍ଠା ଓ ଅନ୍ୟାନ୍ୟ ଲେଖା ପଢି ଖୁସି ହେଲି। କାର୍ଟୁନ କର୍ନର ମନଛୁଆଁ ହୋଇଥିଲା।

*-ନିରଞ୍ଜନ ସାହୁ, ଗୋପ, ପୁରୀ*

➤ ଏଥରର ପ୍ରଚ୍ଛଦ ପ୍ରସଙ୍ଗ ପଢି ଭାରତୀୟ ଭାବେ ମୁଁ ନିଜକୁ ଗର୍ବିତ ମନେକଲି। ଭାରତ ଯେ, ଏତେ ସବୁ ଉଦ୍ଭାବନର ଦେଶ ତାହା ଜାଣି ନ ଥିଲି। ହାତୀକୁ ନେଇ ବାସ୍ତୁ ପାଠଟି ଭଲ ଲାଗିଲା। ଦାନ୍ତରେ ଯୁବତୀଙ୍କୁ ଉଠାଉଥିବା ବ୍ୟକ୍ତିଙ୍କ ଶକ୍ତି ସତରେ ବିସ୍ମୟକର। ହାଃ ହାଃ ବେଶ୍ ମଜାଦାର ହେଉଛି।

*-ଗୌରବ ମହାପାତ୍ର, ଚରମ୍ପା, ଭଦ୍ରକ*

➤ ପ୍ରଚ୍ଛଦ ପ୍ରସଙ୍ଗ ବହୁତ ଉଚ୍ଚକୋଟୀର ହୋଇଥିଲା। ରାଶିଫଳ ମୁଁ ଯେମିତି ହେଉ ପଢେ। ସିନେମା ପୃଷ୍ଠା ବି ମୋର ବହୁତ ପ୍ରିୟ। ମଡେଲ ମିରର୍‌ରେ ଅମୀଷା ବହୁତ ସୁନ୍ଦର ଲାଗୁଥିଲେ।

*-ସୁତପା ଚୌଧୁରୀ, କଟକ*

➤ ସୃଜନ ପୃଷ୍ଠା ମତେ ବହୁତ ଭଲଲାଗେ।ଏହାର ଗପ କବିତାଗୁଡିକ ବେଶ୍ ମନଛୁଆଁ ହେଇପାରୁଛି। ଏଥରର 'ମନିପ୍ଲାଣ୍ଟ'ଗପଟି ବହୁତ ଭଲ ଲାଗିଲା। କାର୍ଟୁନ କର୍ନର ମଜାଦାର ହେଉଛି।

*-ଚନ୍ଦନ ମିଶ୍ର, ବାଲିଗୁଡା, କନ୍ଧମାଳ*

➤ ଏଥରର ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ଶିକ୍ଷଣୀୟ ଥିଲା। ବ୍ୟାକ୍‌ପେଜ୍‌ର ସାଲାଡ୍ ବିକି ଲକ୍ଷପତି ହୋଇଥିବା ମହିଳା ଜଣକ ଅନ୍ୟମାନଙ୍କ ପାଇଁ ଉଦାହରଣ।ହାଃ ହାଃ ପଢି ଭଲ ଲାଗେ। ସିନେମା ପୃଷ୍ଠାରେ ସେଲିବ୍ରିଟିଙ୍କ ଗସିପ୍ ପଢିବାକୁ ଭଲ ଲାଗୁଛି।

*-କୁନ୍‌ମୁନ୍ ବେହେରା, ନୂଆ ଗାଁ*

➤ ସିନେମା ପୃଷ୍ଠାର 'ପାଠ ପଢାଇବେ ୟାମି' ଓ ବ୍ୟସ୍ତ ଅଛନ୍ତି ଅକ୍ଷୟ' ବିଷୟଗୁଡିକ ଭଲ ଲାଗିଲା। ମଡେଲ ମିରର୍ ପୃଷ୍ଠାରେ ସୁନ୍ଦର ଫଟୋ ଦେଖି ଖୁସି ଲାଗେ। ହାଃ ହାଃ ପଢି ହସି ହସି ବେଦମ୍ ହୋଇଯାଏ।

*-ସରୋଜ ମହାରଣା, ବ୍ରହ୍ମପୁର*

➤ ପ୍ରଚ୍ଛଦ ପ୍ରସଙ୍ଗ, ବ୍ୟାକପେଜ୍, ସୃଜନ ପୃଷ୍ଠା ମୋର ବହୁତ ପ୍ରିୟ। ଏଥର ସୃଜନ ପୃଷ୍ଠାରେ ପ୍ରକାଶିତ ଗପଟି ମନଛୁଆଁ ହୋଇଥିଲା। କାର୍ଟୁନ କର୍ନର ବି ଭଲ ଲାଗିଲା।

*-କବିତା ବିଶୋଇ, ରାୟଗଡା*



### ବିଶେଷ ଚିଠି

ଛୁଟିଦିନ ଭଲ ବିତେ ହାତେ ଥିଲେ ଛୁଟିଦିନ
ଗୋଟିଏ ହାତରୁ ଆଉ ଏକ ହାତକୁ ଯାଏ
ସଭିଏଁ ପଢନ୍ତି ଦେଇ ମନ।
ନିଆରା ପ୍ରସଙ୍ଗ ସାଙ୍ଗକୁ ଗପକବିତା
ସିନେମା ପୃଷ୍ଠାର ରଙ୍ଗିନ କଥା
ପୁଣି ମନ ଜିଣି ନିଏ ବ୍ୟାକପେଜ୍
କାର୍ଟୁନ କର୍ନର ଓ ହସକଥା।

**-ସୀମା ପରିଡା, ସମ୍ବଲପୁର**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com






# ସେଲ୍ଫି

## ଏବେ ନୁହେଁ, ଅନେକ ଆଗରୁ



ଆଜିର ସମୟରେ ସେଲଫି ଶବ୍ଦଟି କାହା ପାଇଁ ଅଜଣା କି ଅଶୁଣା ନୁହେଁ। ବିଶେଷକରି ଯୁବପିଢ଼ିଙ୍କ ପାଇଁ ଏହା ଏକ ଅତି ପରିଚିତ ଶବ୍ଦ। କେହିକେହି ତ ଆଜିର ସମୟକୁ ସେଲ୍ଫିର ଯୁଗ ବୋଲି ବି କହିଥାନ୍ତି। ଟେକ୍ନୋଲୋଜିର ବିକାଶ ସହିତ ସ୍ମାର୍ଟଫୋନ୍‌ର ବ୍ୟବହାର ସେଲ୍ଫି ଟ୍ରେଣ୍ଡକୁ ଅଧିକ ସହଜ କରିଦେଇଛି। ତେବେ ଆମେ ଯଦି ଭାବିବା ଯେ, ସ୍ମାର୍ଟଫୋନ୍ ଆସିବା ପରେ ବା ମୋବାଇଲ୍ ଫୋନ୍ ଉଦ୍ଭାବିତ ହେବା ପରେ ହିଁ ଏହି ସେଲ୍ଫି ସଂସ୍କୃତିର ସୃଷ୍ଟି ହୋଇଛି ତା'ହେଲେ ଆମେ ଭୁଲ୍ ଭାବିବା। କାରଣ ସେଲ୍ଫିର ଇତିହାସ ଆଜି ବା କାଲିର ନୁହେଁ, ଶହଶହ ବର୍ଷ ତଳର।

**ବିଶ୍ୱର ପ୍ରଥମ ସେଲ୍ଫି :** ଆଜି ଆମେ ସଭିଏଁ ସେଲ୍ଫି ନେବାରେ ବ୍ୟସ୍ତ। ହେଲେ ଆମେ ଏକଥା ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବା ଯେ, ବିଶ୍ୱର ପ୍ରଥମ ସେଲ୍ଫି ନିଆଯାଇଥିଲା ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଅର୍ଥାତ୍ ୧୮୩୯ ମସିହାରେ। ଏହି ସେଲ୍ଫି ନେଇଥିଲେ ଆମେରିକାର ପ୍ରସିଦ୍ଧ କେମିଷ୍ଟ ରବର୍ଟ କର୍ଣ୍ଣେଲିଅସ୍। ରବର୍ଟ ଜଣେ କେମିଷ୍ଟ ହୋଇଥିଲେ ବି ଫଟୋଗ୍ରାଫିରେ ତାଙ୍କର ସୌକ୍ ଥିଲା। ସେ ସବୁବେଳେ ନିଜ ପାଖରେ ଗୋଟିଏ କ୍ୟାମେରା ରଖୁଥିଲେ। ଦିନକର କଥା। ତାଙ୍କର ଆସିଷ୍ଟାଣ୍ଟ ନଥାଏ। ସପ୍ତାହକ ପାଇଁ ଛୁଟିନେଇ ଘରକୁ ଯାଇଥାଏ। ସେତିକିବେଳେ ରବର୍ଟଙ୍କର ନିଜର ଏକ ଫଟୋ ଦରକାର ପଡ଼ିଲା। କ୍ୟାମେରା ସିନା ଅଛି। ହେଲେ ଫଟୋ ଉଠେଇବ କିଏ ? ତାଙ୍କ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା। ସେ ଭାବିଲେ ମୁଁ ମୋ ନିଜ ଫଟୋ ଉଠେଇ ପାରିବିନି କ'ଣ ପାଇଁ ? ବାସ୍, ସେ ଚେଷ୍ଟାକଲେ। ଦୁଇଦିନ ଲାଗିଥିଲା ତାଙ୍କର ନିଜ ଫଟୋ ନିଜେ ଉଠେଇବା ପାଇଁ। ଅନେକ ଭୁଲ ପୋଜ୍ ଆସିବା ପରେ ଶେଷରେ ଗୋଟିଏ ଭଲ ପୋଜ୍ ମିଳିଥିଲା ତାଙ୍କୁ। ସେହି ଫଟୋଟିକୁ ଗବେଷକମାନେ ବିଶ୍ୱର ପ୍ରଥମ ସେଲଫି ବୋଲି ଦାବି କରନ୍ତି। ରବର୍ଟଙ୍କ ସେହି ଫଟୋଟି ଏବେ ସୁଦ୍ଧା ଲାଇବ୍ରେରି ଅଫ୍ କଂଗ୍ରେସ୍‌ରେ ମହଜୁଦ ହୋଇ ରହିଛି।

**ପ୍ରଥମ ସେଲ୍ଫି କିଶୋରୀ :** ଗୋଟିଏ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଟିନ୍‌ଏଜର୍ ବା କିଶୋରୀଠୁ ଆରମ୍ଭ କରି ଯୁବତୀ ତଥା ମହିଳାମାନଙ୍କର ସେଲ୍ଫି ପ୍ରଥମ ପସନ୍ଦ। ତେବେ ମହିଳା ବା କିଶୋରୀ ତଥା ଯୁବତୀମାନଙ୍କର ନିଜର ଫଟୋ ନିଜେ ଉଠେଇବାର ନିଶା ଆଜି ବା କାଲିର ନୁହେଁ। ତଥ୍ୟ ଅନୁଯାୟୀ ୧୯୦୦ ମସିହାରେ ଜଣେ ମହିଳା ନିଜେ ନିଜର ଫଟୋ ଉଠେଇଥିଲେ। ଅବଶ୍ୟ ସେହି ମହିଳାଙ୍କର ନାମ ତଥା ପରିଚୟ ଅଦ୍ୟାବଧି ଜଣା ପଡ଼ିନାହିଁ। ତେବେ ଏହାର ପ୍ରାୟ ୧୪ବର୍ଷ ପରେ ଜଣେ ୧୩ ବର୍ଷିୟା କିଶୋରୀ ସେଲଫି ନେଇଥିବା ରେକର୍ଡ଼ ମହଜୁଦ ରହିଛି। ଏହି କିଶୋରୀ ଜଣକ ହେଉଛନ୍ତି ରୁଷିଆର ସାର ଦ୍ୱିତୀୟ ନିକୋଲାସ୍‌ଙ୍କ କନିଷ୍ଠା କନ୍ୟା ଆନାସ୍ତେସିଆ ନିକୋଲାୟେଭନା। ଜଣେ ବାନ୍ଧବୀଙ୍କ ନିକଟକୁ ତାଙ୍କର ଏକ ଫଟୋ ପଠେଇବା ପାଇଁ ଆନାସ୍ତେସିଆ ଏପରି କରିଥିଲେ। ତେବେ ଏଥିପାଇଁ ତାଙ୍କୁ କିଛି କମ୍ ପରିଶ୍ରମ କରିବାକୁ ପଡ଼ି ନଥିଲା। ସେ ପ୍ରଥମେ କ୍ୟାମେରାକୁ ଏକ ଖୁଣ୍ଟରେ ବାନ୍ଧିଥିଲେ। ପୁଣି ନିଜର ପୋଜ୍ ଠିକ୍ କରିବା ପାଇଁ ଗୋଟିଏ ଆଇନାର ସାହାଯ୍ୟ ନେଇଥିଲେ। ଅନେକ କସରତ କରିବା ପରେ ଯାଇ ସେ ତାଙ୍କର ଫଟୋ ଉଠେଇବାରେ ସଫଳ ହୋଇଥିଲେ। ଆଉ ବାନ୍ଧବୀଙ୍କ ନିକଟକୁ ଫଟୋଟିକୁ ପଠେଇ ଲେଖିଥିଲେ ଯେ, ମୁଁ ନିଜେ ମୋ ଫଟୋ ଉଠେଇଛି। ଅବଶ୍ୟ ଆଇନାର ସାହାଯ୍ୟ ନେଇଛି। ତଥାପି ହାତ ଥରୁଥିବାରୁ ଫଟୋଟି ଟିକିଏ ଖରାପ ଉଠିଛି।

**ବନ୍ୟପ୍ରାଣୀଙ୍କ ସେଲ୍ଫି ପ୍ରବୃତ୍ତି:** ସେଲଫି ପ୍ରବୃତ୍ତି ଯେ କେବଳ ମଣିଷର ତାହା ନୁହେଁ। ପ୍ରାଣୀମାନଙ୍କ କ୍ଷେତ୍ରରେ ମଧ୍ୟ ନିଜ ଫଟୋ ନିଜେ ଉଠେଇବାର ପ୍ରବୃତ୍ତି ରହିଛି। ଏକଥା କହନ୍ତି, ପ୍ରସିଦ୍ଧ ବନ୍ୟପ୍ରାଣୀ ଫଟୋଗ୍ରାଫର ଡେଭିଡ୍ ସ୍ଲାଟର। ସେ ତାଙ୍କର ଏକ ଅନୁଭୂତି ବଖାଣି କହନ୍ତି ଯେ, ୨୦୧୧ ମସିହାରେ ସେ ଇଣ୍ଡୋନେସିଆ ଜଙ୍ଗଲରେ କାମ କରୁଥିଲେ। ଥରେ ସେ ତାଙ୍କ ଶିବିରରେ କ୍ୟାମେରାଟିକୁ ଛାଡ଼ି ଯାଇଥାନ୍ତି। ସେହି କ୍ୟାମେରାଟି ପଡ଼ିଗଲା ମାକାଓ ପ୍ରଜାତିର ଗୋଟିଏ ମାଙ୍କଡ଼ ହାତରେ। ଏକଥା ଦେଖି ଡରିଗଲେ ସେ। କାରଣ ମାଙ୍କଡ଼ଟି ହୁଏତ କ୍ୟାମେରାଟିକୁ ଭାଙ୍ଗିଦେଇପାରେ। ବହୁକଷ୍ଟରେ ସେ ମାଙ୍କଡ଼ ନିକଟରୁ କ୍ୟାମେରା ଉଦ୍ଧାର କଲେ। ତେବେ କ୍ୟାମେରାରେ ସେ ଯାହା ଦେଖିଲେ ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସେଥିରେ ମାକାଓ ନିଜର ସେଲଫି ଉଠେଇଥିଲା। ଗୋଟିଏ ନୁହେଁ, ଶହେରୁ ଅଧିକ ସ୍ନାପ୍ ନେଇଥିଲା ସେ।





# ସମ୍ଭାବନାର ଅନନ୍ୟ ନାମ ସୁଶାନ୍ତ



ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ । ତେବେ ବହୁ ପରୀକ୍ଷା ନିରୀକ୍ଷା ପରେ ଜଣେ ଯୁବ ବିଜ୍ଞାନୀ ବିଜ୍ଞାନ ଓ କାରିଗରି କୌଶଳରେ ଦକ୍ଷତା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ଥର ବିଭିନ୍ନ କ୍ଷେତ୍ରରୁ ପୁରସ୍କୃତ ହୋଇଛନ୍ତି । ସେ ହେଲେ ସୁଶାନ୍ତ ପଟ୍ଟନାୟକ। ଜନ୍ମ ତା୫।୩।୧୯୯୩ ମସିହାରେ। ପିତା ନରସିଂହ ପଟ୍ଟନାୟକ ଜଣେ ପ୍ରାଣୀ ଚିକିତ୍ସକ। ମା' ରାଜଶ୍ରୀ ପଟ୍ଟନାୟକ ଜଣେ ସୁଗୃହିଣୀ । ଘର ଭୁବନେଶ୍ୱରର ଆଚାର୍ଯ୍ୟ ବିହାରରେ। ତେବେ ଯୁବ ବୈଜ୍ଞାନିକ ସୁଶାନ୍ତଙ୍କ କେତୋଟି ବିଜ୍ଞାନ ପ୍ରକଳ୍ପ ପାଇଁ ସେ ଦେଶ ବିଦେଶରେ ନିଆରା ପରିଚୟ ସୃଷ୍ଟି କରିଛନ୍ତି । ସେ କୁହନ୍ତି ୟୁନିଟ -୮ D.A.V ସ୍କୁଲରେ ପଢୁଥିବା ବେଳେ ଯେତେବେଳେ ବଳକା ସମୟ ମିଳେ ଘରେ କେତେକ ଇଲେକ୍ଟ୍ରୋନିକ ଯନ୍ତ୍ରପାତି ଓ ଖେଳନାକୁ ଭାଙ୍ଗି ପୁଣି ଯୋଡିବା ବେଳେ ତାହା କେତେକ ନୂଆ ଯନ୍ତ୍ରପାତି ରୂପ ନେଉଥିବାରୁ ମତେ ଆନନ୍ଦ ମିଳିଥାଏ ଏବଂ ସେ ସମ୍ପର୍କରେ ଅଧିକ ଜାଣିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେଉଥିଲା । ମୋର ଏକ ପ୍ରୋଜେକ୍ଟ. ବ୍ରେଦିଙ୍ଗ ସେନ୍ସର ଆପାରେଟସକୁ ଜଣେ ପକ୍ଷାଘାତ ରୋଗୀ କିପରି ନିଃଶ୍ୱାସ ପ୍ରଶ୍ୱାସରେ ଏକ ହ୍ୱିଲ ଚେୟାରକୁ ଗତିଶୀଳ କରିପାରିବେ ଏଥିରେ ସଫଳତା ପାଇଥିଲି । ପୁଣି 'ଆକ୍ସିଡେଣ୍ଟ ପ୍ରୁଫ ଭେଇକିଲ' ଏକ ପ୍ରକଳ୍ପ କରି ସଫଳତା ମଧ୍ୟ ପାଇଲି। ଏମିତିରେ କୌଣସି ମହିଳା ବିପଦ ବେଳେ କେହି ଆକ୍ରମଣକାରୀ ଶତ୍ରୁଙ୍କଠାରୁ ନିଜକୁ କିପରି ରକ୍ଷା କରିପାରିବେ ସେଥିପାଇଁ ଏକ ନୂଆ ଯନ୍ତ୍ର 'ଥ୍ରୀ-ୱାଚ' ତିଆରି କରିଛି । ଯାହା ଏକ ମାଇକ୍ରୋ ହିଟର। ପ୍ରାୟ ଦୁଇଶହ ଡିଗ୍ରୀ ଟେମ୍ପରେଚର ସୃଷ୍ଟି ହେବା ଦ୍ୱାରା ଆକ୍ରମଣକାରୀଙ୍କୁ ଶକ୍ତଆଘାତ ଦେବ। ସେହିପରି ଆଉ ଏକ ପ୍ରକଳ୍ପ ଯାହାକି ଭ୍ରମଣକାରୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିବ । କୌଣସି ମୋଟର ଗାଡି ଅନ୍ଧାରରେ ଖାଲଖମା କିମ୍ବା ଘାଟି ରାସ୍ତାରେ ଯିବାବେଳେ ଏପରି ଦୁର୍ଘଟଣାରୁ କିପରି ଆପେ ଆପେ ସୁରକ୍ଷିତ ଭାବେ ଅଟକି ଯିବ । ଅନ୍ୟପକ୍ଷରେ ଆଉ ଏକ ପ୍ରକଳ୍ପ ତିଆରି କରିଛି ଯାହା କି ମୋବାଇଲ ବ୍ୟବହାରକାରୀଙ୍କ ପାଇଁ ସହାୟକ ହୋଇପାରିବ। ଖୁବ୍ ଅଳ୍ପ ସମୟ ମଧ୍ୟରେ ଏଲଇଡ଼ି, ସୋଲାର ଲାଇଟରୁ ବ୍ୟାଟେରି କିପରି ଆପେ ଆପେ ଚାର୍ଜ ହୋଇ ମୋବାଇଲକୁ ଶକ୍ତି ଯୋଗାଇବାରେ ସହାୟକ ହେବ । ଏହା ମୋବାଇଲର ଏକ କ୍ଷୁଦ୍ର ଖୋଳ ମଧ୍ୟରେ ରହିବ । ଏହାର ଏକ ନମୁନା ପ୍ରସ୍ତୁତ କରିଛି । ବିଭିନ୍ନ ସମୟରେ ଏପରି ବୈଜ୍ଞାନିକ କାର୍ଯ୍ୟ ଦକ୍ଷତା ପାଇଁ । ୨୦୧୨ରେ ନାସା ଆମେରିକା ପକ୍ଷରୁ ପୁରସ୍କୃତ ହୋଇଥିଲି । ପୁଣି ଆଇ. ଆଇ. ଏମ. ଅହମ୍ମଦାବାଦରୁ ତିନି ଥର ପୁରସ୍କୃତ ହୋଇଛି । ଏକ ବିଜ୍ଞାନ କାର୍ଯ୍ୟକ୍ରମରେ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ସହିତ ଭାବ ବିନିମୟ କରିବାର ସୁଯୋଗ ମତେ ଅଧିକ ପ୍ରେରଣା ଦେବା ସହ ଅବିସ୍ମରଣୀୟ କରିପାରିଛି। ଜଣେ ଯୁବ ଉଦ୍ୟୋଗୀ ଓ ଟେକ୍ନୋଲୋଜର ଭାବେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ପ୍ରଣବ ମୁଖାର୍ଜୀ, ଡ .ଏପିଜେ ଅବଦୁଲ କଲାମଙ୍କଠାରୁ ପ୍ରାୟ ୬ଥର ପୁରସ୍କୃତ ହୋଇଛି। ଏବେ ଆଇ.ଆଇ.ଟି. ଭୋପାଳ ଓରିଏଣ୍ଟାଲ କଲେଜ ଅଫ ଟେକ୍ନୋଲୋଜି ଛାତ୍ର ଭାବେ ପଢୁଛି । ବିଜ୍ଞାନ ସମ୍ପର୍କରେ ସର୍ବଦା ନୂଆ ନୂଆ ତଥ୍ୟ ଜାଣିବା ପାଇଁ ପରୀକ୍ଷା ନିରୀକ୍ଷା କରିଥାଏ । ସମାଜରେ କିପରି ଏହି ନୂତନ ପ୍ରକଳ୍ପ ଆଦୃତି ହୋଇପାରିବ ସେଥିପାଇଁ ପ୍ରଚେଷ୍ଟା ଜାରି ରଖିଛି ।

**-ବନବିହାରୀ ବେହେରା**








# ଘରକୁ ସଜାନ୍ତୁ ଏମିତି

**ସୁଖଶାନ୍ତିରେ ରହିବା ପାଇଁ ଖାଲି ଘରଟିଏ କରିଦେଲେ ହେବ ନାହିଁ। ଘରର ରଙ୍ଗ ଆସବାବପତ୍ର ଓ କେଉଁଠି କେଉଁ ଜାଗାରେ ରଖିବେ ସେସବୁ ମଧ ଜରୁରୀ। ଯାହା ଘରକୁ ଆକର୍ଷଣୀୟ କରିବା ସହିତ ମନକୁ ବି ଶାନ୍ତି ଦେଇଥାଏ...**




- କଳା ଓ ଧଳାର କମ୍ବିନେସନ୍ ଖୁବ୍ ପୁରୁଣା। ହାଲ୍କା ଧୂସର ରଙ୍ଗର କାନ୍ଥ ସାଙ୍ଗକୁ କଳାଧଳାର ଆସବାବପତ୍ର ଘରକୁ ଭିନ୍ନ ଲୁକ୍ ଦେଇଥାଏ।



- ହାଲ୍କା ବାଦାମୀ ରଙ୍ଗର କାନ୍ଥ ଆଉ ତା' ସାଙ୍ଗକୁ କାଠ ତିଆରି ଚଟାଣ ବା କାଠ ନହେଲେ ବି ଉଡେନ୍ ଫ୍ଲୋରିଂ ଲୁକ୍‌କୁ ଆଜିକାଲି ବେଶି ପସନ୍ଦ କରାଯାଉଛି। ଏଥିରେ ଧଳା ରଙ୍ଗର ଆସବାବପତ୍ର, ସୋଫା ଓ କପ୍‌ବୋର୍ଡ ରଖନ୍ତୁ। ବେଶି ଆକର୍ଷଣୀୟ ଲାଗିବ।
- ହଳଦିଆ ରଙ୍ଗ ମନ ଓ ପରିବେଶକୁ ସତେଜ ରଖିଥାଏ। ଉଜ୍ୱଳ ହଳଦିଆ କାନ୍ଥ ସହିତ ରଟ୍ ଆଇରନ୍ ର ଆସବାବପତ୍ର ଖୁବ୍ ଆକର୍ଷଣୀୟ ଲାଗିଥାଏ। ଏଥିରେ ହାଲ୍କା ହଳଦିଆ ରଙ୍ଗର ତନ୍ତ ବୁଣା ପରଦା ବି ବେଶ୍ ଭଲ ଲାଗିବ।
- ଛୋଟ ପିଲାଙ୍କ ରୁମ୍ ପାଇଁ ତାଙ୍କ ଆସବାବପତ୍ରରେ କାର୍ଟୁନ ଲଗାଇପାରିବେ। ଏହି ରୁମ୍‌ଟି ସବୁବେଳେ କଲରଫୁଲ୍ କରନ୍ତୁ।
- ଗାଢ଼ ରଙ୍ଗର ବ୍ୟବହାର ପରିବେଶକୁ ନିହାତି ବଦଳାଇ ଦେଇଥାଏ। ତେଣୁ ରୁମ୍‌ରେ ଯଦି ଗାଢ଼ ରଙ୍ଗ ଲଗାଉଛନ୍ତି ତାହେଲେ ଆସବାବପତ୍ରକୁ ଏହାର ବିପରୀତ ରଙ୍ଗ କିମ୍ବା ହାଲ୍କା ରଙ୍ଗର କରନ୍ତୁ। ଏସବୁ ପରେ ବି ନିଜର ରୁଚି ଓ ଘରର ପରିବେଶକୁ ଦୃଷ୍ଟିରେ ରଖି ଘରକୁ ଏମିତି ସଜାନ୍ତୁ ଯେମିତି ଘରକୁ ପଶିଗଲେ ଆପଣଙ୍କ ମନକୁ ଶାନ୍ତି ଲାଗିବ।

***-ସ୍ନିଗ୍ଧା ତ୍ରିପାଠୀ, ପୁଣେ, ମହାରାଷ୍ଟ୍ର***


ସୋନାକ୍ଷୀ

## କଥା ଦୁଇ ବର୍ଷର

**ସୋ**ନାକ୍ଷୀ ସିହ୍ନାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଦବଙ୍ଗ'ରୁ। ଏହାର ନାୟକ ସାଜିଥିଲେ ସଲମାନ ଖାଁ। ଆଉ ସେତେବେଳେ ଫିଲ୍ମଟି ସୁପରହିଟ୍ ହୋଇଥିଲା। ହେଲେ ଏହାର ଶୁଟିଂ ପୂର୍ବରୁ ସୋନାକ୍ଷୀଙ୍କୁ ବେଶ୍ ଝାଳ ବୁହାଇବାକୁ ପଡିଥିଲା। କାରଣ ସେତେବେଳେ ତାଙ୍କର ଓଜନ ଅଧିକ ଥିଲା। ତେଣୁ ନିର୍ଦ୍ଦେଶକ ତାଙ୍କୁ ପ୍ରଥମେ ଓଜନ କମାଇବାକୁ ପରାମର୍ଶ ଦେଇଥିଲେ। ଆଉ ଏଥିପାଇଁ ତାଙ୍କୁ କେତେଦିନ ପରିଶ୍ରମ କରିବାକୁ ପଡିଥିଲା ଜାଣନ୍ତି ? ଦିନ ନୁହେଁ, ଓଜନ କମାଇବା ଲାଗି ସୋନାକ୍ଷୀ ଦୀର୍ଘ ଦୁଇବର୍ଷ ଧରି ପରିଶ୍ରମ କରିଥିଲେ। ଆଉ ଶେଷରେ ତାଙ୍କର ଓଜନ ୯୦ କିଗ୍ରାରୁ ୬୦ କିଗ୍ରାକୁ କମିଯାଇଥିଲା। 'ସେହି ଦୁଇବର୍ଷକୁ ମୁଁ କଦାପି ଭୁଲି ପାରିବି ନାହିଁ। କାରଣ ମୋତେ ଯେମିତି ହେଲେ ଓଜନ କମାଇବାର ଥିଲା। ତେଣୁ ଡାଏଟିଂ ସହ ଏକ୍ସରସାଇଜ ଉପରେ ଗୁରୁତ୍ୱ ଦେଇଥିଲି। ତା'ପରେ ଏ ପର୍ଯ୍ୟନ୍ତ ମୋ ଫିଗରକୁ ନେଇ ମୁଁ ବେଶ୍ ସଚେତନ। ଏକ୍ସରସାଇଜ ଏବଂ ଡାଏଟିଂ ମୋ ଲାଇଫର ଏକ ଅଙ୍ଗ ପାଲଟିଯାଇଛି ବୋଲି କହନ୍ତି ସୋନାକ୍ଷୀ।'

## ରୋହିତଙ୍କ ପ୍ରଶଂସାରେ ରଣବୀର

**ର**ଣବୀର ସିଂଙ୍କୁ ପୁଣି ଥରେ ରୋହିତ ସେଟ୍ଟିଙ୍କ ଫିଲ୍ମରେ ଦେଖିବାକୁ ମିଳିବ। ଏହାପୂର୍ବରୁ ରୋହିତଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଶିମ୍ବା'ରେ ରଣବୀର ଅଭିନୟ କରି ବେଶ୍ ପ୍ରଶଂସା ସାଉଁଟି ଥିଲେ। ତାହାକୁ ଲକ୍ଷ୍ୟ କରି ନିର୍ଦ୍ଦେଶକ ତାଙ୍କର ଆଗାମୀ ସିନେମାରେ ପୁଣି ଥରେ ତାଙ୍କୁ ରିପିଟ୍ କରିଛନ୍ତି। ଆଉ ଯେତେବେଳେ ରଣବୀରଙ୍କୁ ଏହି ଅଫର ଦିଆଗଲା, ସେତେବେଳେ ସେ ଆଖିବୁଜି ହଁ ଭରିଥିଲେ। ଏହି ଫିଲ୍ମଟି ସମ୍ପୂର୍ଣ୍ଣ ଭାବରେ କମେଡିଭିତ୍ତିକ ହେବ। ଏହାର ପ୍ରାରମ୍ଭିକ କାମ ଚାଲୁରହିଛି ଏବଂ ଚିତ୍ରଟିର ଟାଇଟଲ ଫାଇନାଲ ହୋଇନାହିଁ। ଅସଲ କଥା ହେଲା ବିଗତ ଦିନର କ୍ଲାସିକ କମେଡି ଚଳଚ୍ଚିତ୍ର 'ଅଙ୍ଗୁର'ର ଏହା ରିମେକ୍ ଚଳଚ୍ଚିତ୍ର ହେବ। ୧୯୮୨ରେ ରିଲିଜ ହୋଇଥିବା ଏହି ଫିଲ୍ମର ମୁଖ୍ୟ ଭୂମିକାରେ ସଞ୍ଜୀବ କୁମାର ଏବଂ ଦେବେନ୍ ବର୍ମା ଅଭିନୟ କରିଥିଲେ। ନିଜର ନୂଆ ସିନେମା ସମ୍ପର୍କରେ ରଣବୀର କହନ୍ତି, 'ରୋହିତଙ୍କ ସହ ମୁଁ ପୁଣି ଥରେ କାମ କରିବାକୁ ଯାଉଛି। ଏହି ଫିଲ୍ମରେ କମେଡି ଭରି ରହିଛି। ଏହି ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏ ନେଇ ରୋହିତଙ୍କୁ ଯେତେ ପ୍ରଶଂସା କରିବି ସେତେ କମ୍ ହେବ ବୋଲି କହନ୍ତି ରଣବୀର।'


ରଣବୀର

## ଡେଟ୍ ପାଇଁ

**ଅ**ର୍ଜୁନ କପୁରଙ୍କ ଖୁସି ଏବେ କହିଲେ ନ ସରେ। କାରଣ କୋଭିଡ ରିପୋର୍ଟ ନେଗେଟିଭ ବାହାରିବା ପରେ ସେ ନିକଟରେ ଶୁଟିଂରେ ଯୋଗ ଦେଇଛନ୍ତି। ହେଲେ ତା'ସହ ତାଙ୍କ ହାତରେ ବର୍ତ୍ତମାନ ଅଫର ପରେ ଅଫର। ହେଲେ କ'ଣ ହେବ ? ସେହି ଫିଲ୍ମଗୁଡିକର ଶୁଟିଂ ପାଇଁ ଡେଟ୍ ସମସ୍ୟା ଭାବରେ ଠିଆ ହୋଇଛି। ଏ ନେଇ ଅର୍ଜୁନ କହନ୍ତି, 'ନିକଟରେ ମୁଁ ତିନୋଟି ଫିଲ୍ମ ସାଇନ୍ କରିଛି। ଅବଶ୍ୟ ଦୁଇଟି ସିନେମାର ଶୁଟିଂ ଏଇ ମାସେ ଦୁଇମାସ ଭିତରେ ଆରମ୍ଭ ହେବ। ହେଲେ ମୋର ଏବେ ମୁଖ୍ୟ ସମସ୍ୟା ହୋଇଛି ଡେଟ୍। କାରଣ କରୋନା ପାଇଁ ଶୁଟିଂ ବନ୍ଦ ଥିଲା। ଏବେ ଆରମ୍ଭ ହୋଇଛି। ତେଣୁ କେଉଁ ଫିଲ୍ମ ପାଇଁ କେତେବେଳେ ସମୟ ଦେବି ସେ ନେଇ ମୁଁ ଦୋଛକିରେ ପଡିଯାଇଛି। ହେଲେ ମୋର ବିଶ୍ୱାସ ଏପରି ସମସ୍ୟାର ସମାଧାନ ଶୀଘ୍ର ହୋଇଯିବ। ଶୁଟିଂ ଆରମ୍ଭ ହେବାକୁ ଥିବା ନୂଆ ସିନେମାଦ୍ୱୟର ପ୍ରଯୋଜକଙ୍କୁ ସମୟ ମାଗିଛି। ଆଉ ଯଦି ସେମାନେ ଏଥିରେ ରାଜି ହୁଅନ୍ତି ତେବେ ମୁଁ ଡେଟ୍ ଆଡଜଷ୍ଟ କରି ଶୁଟିଂ ଚାଲୁ ରଖିବି। ହେଲେ ଏଥିପାଇଁ ମୋତେ ପ୍ରପର ପ୍ଲାନିଂ ସହ ହିଁ ଆଗେଇବାକୁ ପଡିବ।' ଦେଖାଯାଉ, ଏପରି ସମସ୍ୟାର ସମାଧାନ ଅର୍ଜୁନ କିପରି କରୁଛନ୍ତି।


ଅର୍ଜୁନ

## ଅନୁତାପ କରୁଛନ୍ତି ଜାହ୍ନବୀ

**ଜା**ହ୍ନବୀ କପୁର ଏବେ ପୁରୁଣା କଥାକୁ ମନେ ପକାଇ ଅନୁତାପ କରୁଛନ୍ତି। ତାହା କ'ଣ ଜାଣନ୍ତି ? ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଥିଲା। କଥା କ'ଣ କି ସେତେବେଳେ ଏକ ତାମିଲ ଫିଲ୍ମରେ ଅଭିନୟ କରିବାକୁ ଜାହ୍ନବୀଙ୍କୁ ଯୋଗାଯୋଗ କରାଯାଇଥିଲା। ପୁଣି ସେଥିରେ ନାୟିକା ଭୂମିକାରେ ଅଭିନୟ କରିଥାଆନ୍ତେ। ନିର୍ଦ୍ଦେଶକ ଏ.ଆର.ମୁରୁଗୋଡାସ୍ ସେତେବେଳେ ଜାହ୍ନବୀଙ୍କ ସହ ଏ ନେଇ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ହେଲେ ଫଳ କିଛି ହୋଇ ନ ଥିଲା। କାରଣ ଏହାପୂର୍ବରୁ ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଜାହ୍ନବୀ ମାଇଣ୍ଡ ମେକଅପ କରିସାରିଥିଲେ। ତେଣୁ ସେପରି ସମୟରେ ଅନ୍ୟ ସିନେମା ସାଇନ୍ କରିବାକୁ ଚାହୁଁ ନ ଥିଲେ। ସେଥିପାଇଁ ଏପରି ଏକ ଭଲ ଅଫର ତାଙ୍କର ହାତଛଡା ହୋଇଯାଇଥିଲା। ଏବେ ନିଜ କ୍ୟାରିୟର ସମ୍ପର୍କରେ କିଛି କହିବା ସମୟରେ ସେହି ପୁରୁଣା କଥା ବିଷୟରେ ସୂଚନା ଦେବାକୁ ଭୁଲି ନ ଥାନ୍ତି ଜାହ୍ନବୀ।


ଜାହ୍ନବୀ

# ମଡେଲ ମିରର୍



ପ୍ରିୟଙ୍କା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ଶୋଇଛୁ


ପପୁ ବିଜ୍ଞାନ କ୍ଲାସ୍‌ରେ ଶୋଇପଡିଥାଏ। ଏହାଦେଖି ଶିକ୍ଷକ ରାଗିକି- ପପୁ ତୁ କ'ଣ କ୍ଲାସ୍‌ରେ ଶୋଇଛୁ?
ପପୁ- ନାଇଁ ସାର୍ ଶୋଇ ନ ଥିଲି।
ଶିକ୍ଷକ- ଆଉ କ'ଣ କରୁଥିଲୁ?
ପପୁ- ସାର୍, ମାଧ୍ୟାକର୍ଷଣ ଶକ୍ତି ଯୋଗୁ ମୋ ମୁଣ୍ଡଟା ଟାଣି ହୋଇ ଟେବୁଲରେ ଲାଗି ଯାଇଥିଲା।

## ବାସନ

ସ୍ୱାମୀ ସ୍ତ୍ରୀ ଖାଉଥିଲେ। ସ୍ୱାମୀ ଖାଇ ସାରିବା ପରେ ପ୍ଲେଟ୍ ଧୋଇଦେଲେ।
ସ୍ତ୍ରୀ- ସାରିଦେଲ ମୋ' ଇଜ୍ଜତ ମହତ।
ସ୍ୱାମୀ- କାଇଁ କ'ଣ ହେଲାକି?
ସ୍ତ୍ରୀ- ଆମେ ଏବେ ଘରେ ନାହୁଁ, ହୋଟେଲରେ ଅଛୁ।

## ଲୋଚାକୋଚା

ପୁନି ମା'ଙ୍କୁ- ମାମା ତମେ ଆଇରନ୍ କାହିଁକି କରୁଛ?
ମା'- କପଡାରେ ହେଇଥିବା ଲୋଚାକୋଚା ସିଧା କରିବାପାଇଁ।
ପୁନି- ମତେ ଟିକେ ଆଇରନ୍ ବକ୍ସ ଦେଲ।
ମା'- କାହିଁକି?
ପୁନି- ଜେଜେମା' ମୁହଁ କେତେ ଲୋଚାକୋଚା ହେଇଯାଇଛି। ଟିକେ ଆଇରନ୍ କରି ସିଧା କରିଦେବି।



# ନିର୍ବାଣ

ମନ ପଞ୍ଜୁରୀକୁ
ଖୋଲି ଦେଲି ଆଜି
ଯାଆରେ ଉଡ଼ି ତୁ ପକ୍ଷୀ
ନିର୍ବାଣ ଯେବେ
ହାତ ଠାରି ଡାକେ
କିଏ ବା ପାରିବ ରୋକି !

–ବିପ୍ଳବ
ମକୁନ୍ଦପୁର, ବାଙ୍କି
ମୋ : ୯୪୩୭୪୬୮୦୧୬



# ପାନ

–ପ୍ରଭଞ୍ଜନ ଦାଶ

ସେଦିନ ଥିଲା ଟୁକୁନା ଜେଜେବାପାଙ୍କ ଦଶାହଶ୍ରାଦ୍ଧ, ଦାଣ୍ଡଘରେ ପିଣ୍ଡ ପଡୁଥିବା ବେଳେ ପୁରୋହିତ ମହାଶୟ ଟୁକୁନାକୁ ଚାହିଁ ବଡ଼ ପାଟିରେ କହି ଉଠିଲେ, ପାନ, ଗୋଟାପାନ ଆଣେ, ପିଣ୍ଡରେ ଲାଗିବ। ଗୋଟାପାନ ପାଇଁ ଟୁକୁନା ଦୌଡ଼ିଗଲା ବଡ଼ଘରକୁ । ଜେଜେବାପାଙ୍କର ସବୁଠାରୁ ପ୍ରିୟ ବଡ଼ଘରର ଖଟ ତଳେ ପାନଡାଲା, ପାନବଟୁଆ, ପିକଦାନୀ, ମସଲା ମସଲି ଡବା ସବୁ ସୁନ୍ଦର ଭାବରେ ଥୁଆ ହୋଇଥାଏ, ହେଲେ ସେଦିନ ଟୁକୁନାକୁ ହଠାତ୍ ସେ ସବୁ କିଛି ମିଳିଲା ନାହିଁ । ପାନଡାଲା ଖୋଜୁ ଖୋଜୁ କାହାର କଇଁ କଇଁ କାନ୍ଦିବାର ସ୍ୱର ଟୁକୁନାକୁ ଆଶ୍ଚର୍ଯ୍ୟ ଚକିତ କରିଦେଲା । ଟୁକୁନା ବୁଲି ପଡି ଦେଖେ ତ ଜେଜେମା ବଡ଼ ଘରର ଗୋଟେ କଣରେ ବସି କାନ୍ଦୁଛି । ଜେଜେମା ପାଖକୁ ଦୌଡ଼ିଗଲା ଟୁକୁନା । ଟୁକୁନାକୁ ହାତରେ କୋଳେଇ ନେଇ ଜେଜେମା ଲୁହ ଭରା ଆଖି ଓ ଥର ଥର ଗଳାରେ କହି ଉଠିଲା, ମୋ ପାନ ସାଥୀ ମତେ ଏକା କରି ଚାଲିଗଲା । ଆଉ ମୁଁ ପାନ ଭାଙ୍ଗିବି କାହା ପାଇଁ । ସବୁବେଳେ ପାନ ଛେପର ଲାଲ୍ ରଙ୍ଗରେ ରଙ୍ଗିନ୍ ଥିବା ଜେଜେମା'ର ଓଠ କିନ୍ତୁ ସେଦିନ ଥିଲା ସମ୍ପୂର୍ଣ୍ଣ ଶୁଖିଲା ଓ ପାନ ମସଲାର ସୁଗନ୍ଧ ବଦଳରେ ପାଟିରୁ ଚାଲି ଆସୁଥିଲା ଲାଳର ଦୁର୍ଗନ୍ଧ, ଯାହାକି ଅସ୍ୱାଭାବିକ କରିଦେଉଥିଲା ଟୁକୁନାକୁ । ଟୁକୁନା ଜାଣେ ଜେଜେମା ବହୁତ ବୁଢ଼ୀ ହେଲେ ବି ସେ ଜେଜେବାପାଙ୍କୁ ଭାରି ଭଲ ପାଏ। ଜେଜେମା' ସବୁଦିନ ସକାଳୁ ଉଠି ପ୍ରଥମେ ପିକଦାନି ସଫା କରି ଜେଜେବାପାଙ୍କ ପାଇଁ ଅତି ସରାଗରେ ଗୋଟା ପାନରେ ଚୂନ ଲଗେଇ ସେଥିରେ ଗୁଆ, ଗୁଣ୍ଡି, ଖଇର, ଲବଙ୍ଗ, ଗୁଜୁରାତି, ଅଳେଇଚ, ଧନିଆ, ପାନମହୁରି ଆଦି ସବୁ ମସଲାକୁ ସଜେଇଦେଇ ସୁନ୍ଦର ସୁଆଦିଆ ପାନ ନିଜ ହାତରେ ଭାଙ୍ଗି ପାନଡବାରେ ରଖିଦିଏ। ନିଜେ ଖାଏ ଓ ଜେଜେ ବାପାଙ୍କୁ ଦିଏ । ତା' ହାତ ଭଙ୍ଗା ପାନ ଖଣ୍ଡେ ଖାଇବା ପାଇଁ ଜେଜେବାପା ଯେପରି ଚାତକ ପରି ଚାହିଁ ରହିଥାନ୍ତି। ଜେଜେବାପାଙ୍କ ମନ ଜାଣି ଜେଜେମା' ଭାରି ସୁଆଦିଆ ପାନ ଭାଙ୍ଗିପାରେ । କଳି ଝଗଡା ହେଲେ ବା ଜେଜେବାପା ରାଗିଥିଲେ ନିଜ ହାତ ଭଙ୍ଗା ପାନଖଣ୍ଡେ ଦେଇ ଜେଜେବାପାଙ୍କୁ ମନେଇବାରେ ଜେଜେମା ଓସ୍ତାଦ୍। କେବଳ ସେତିକି ନୁହେଁ, ଜେଜେବାପାଙ୍କ ସାଙ୍ଗସାଥୀମାନଙ୍କ ଗହଣରେ ମଧ୍ୟ ଜେଜେମା'ର ହାତଭଙ୍ଗା ପାନର ବେଶ୍ ଆଦର। କିଛି ଦିନ ତଳେ ମଧୁମେହ କାରଣରୁ ଜେଜେବାପା ମିଠା ମସଲା ଛାଡି ଦେଇଥିବାରୁ ଜେଜେମା' ମଧ୍ୟ ଆଉ ମିଠା ମସଲା ଖାଉ ନ ଥିଲା । ଠିକ୍ ଏତିକି ବେଳେ ପୁଣି ଥରେ ପୁରୋହିତ ଜଣକ ବଡ଼ ପାଟିକରି ଡାକି ଉଠିଲେ, ପାନ ପାନ ଗୋଟାପାନ ଆଣ ପିଣ୍ଡରେ ଲାଗିବ । ଜେଜେମା' ଟୁକୁନାକୁ ହାତ ଦେଖାଇ ଦେଲେ ଖଟ ତଳର ଗୋଟିଏ କଣକୁ ଟୁକୁନା ଖଟ ତଳେ ପଶି ପାନ ଡାଲାଟାକୁ କାଢି ଆଣି ଦେଖେ ତ ପାନ ଡାଲାଟା ଧୂଳି ଅଳନ୍ଧୁରେ ଢାଙ୍କି ହୋଇ ରହିଛି, ମସଲା ଡବା ସବୁ ଏଣେ ତେଣେ ପଡିଛି, ପିକଦାନିଟା ଅଣେଇ ହୋଇ ଖଟ ତଳେ ଗଡୁଛି, ପାନ ସବୁ ଶୁଖିଲା କନା ତଳେ ରହି ଶୁଖି ଯାଇଛି, ବୋଧହୁଏ ଜେଜେବାପା ଯିବାପରେ ଜେଜେମା' ବି ସବୁ ଦିନ ପାଇଁ ପାନ ଖିଆ ଛାଡି ଦେଇଛି । ଶୁଖିଲା ପାନଟିକୁ ଧରି ଟୁକୁନା ଜେଜେବାପାଙ୍କ ପିଣ୍ଡ ପାଖକୁ ଯିବା ବେଳେ ଜେଜେମା' ସେମିତି ଧୀର ଗଳାରେ କହି ଚାଲି ଥାଏ, ମୋ ପାନ ସାଥୀ ମତେ ଏକା କରି ଚାଲିଗଲା । ଆଉ ମୁଁ ପାନ....


–୪୫୧୦/୫୬୯୫, ଲେନ୍-୫, ମହେଶ୍ୱର କଲୋନୀ, ଟଙ୍କପାଣି ରୋଡ
ମୋ-୭୩୨୬୯୫୯୯୯୫

# ତଥାପି

ଏବେ ତ ମଝିନଇରେ ଜୀବନ
ହରାଇଲି ଦୁଇକୂଳ
ଏ କୂଳରେ ସୋରିଷଫୁଲର ହାଟ
ଆରକୂଳରେ ବାଘର ଗର୍ଜନ
ଭରାନଈର ସୁଅ
କାତପାଉନି କି ଆହୁଲା
ତଥାପି
ଦିଶିଯାଉଛି ବତୀଘର ଆଲୁଅ
କିଛି ଆଶା ଆଉ ଆଶ୍ୱାସନା
କିଛି ସ୍ୱପ୍ନ ଆଉ ସମ୍ଭାବନା

–ମଞ୍ଜୁରାଣୀ ମିଶ୍ର
ହାଇଦ୍ରାବାଦ
୭୩୮୧୨୬୫୭୬୯





# ମା' ଆସ

ମା' ଆସ...
ସବୁ ଝାଉଁଳା ଗାଲରୁ
ଲୋତକର ଦାଗ ପୋଛି ଦେଇ,
ମେଞ୍ଚାଏ କାଶତଣ୍ଡିଆ ହସ ବିଞ୍ଚି ଦିଅ
ମା' ଆସ...
ଉଦାସିଆ ମୁହଁମାନଙ୍କୁ
ତୁମ ଛାତିରେ ଆଉଜେଇ,
ଖୁସିର ସଜଫୁଲ
ଫୁଟେଇ ଦେଇ ଯାଅ
ମା' ଆସ...
ଯେତେସବୁ ଅଦେଖା କ୍ଷତକୁ
ମଲମରେ ସାଉଁଳେଇ ସାଉଁଳେଇ,
ଡହଳା ପ୍ରାଣ ମାନଙ୍କୁ
ଆନନ୍ଦରେ ଭରିଦିଅ
ମା' ଆସ...
ସବୁ ଭଙ୍ଗା ହୃଦୟକୁ
ସଳଖେଇ ଦିଅ,
ମୁକ୍ତି ପାଇଁ ଫିଟେଇ ଦିଅ
ବନ୍ଧା ଥିବା ଜଞ୍ଜିର ସବୁକୁ
ଆସ ମା' ଆସ...
ଆସି, ବୁଣି ଦିଅ
ଝରା ଶେଫାଳିର ହସ
ଜାଳିଦିଅ ଦିନ ଅନ୍ଧକାରେ
ଆଶାର ଆଲୋକ..!!

–ବିଚିତ୍ରାନନ୍ଦ ଜେନା
ସେଣ୍ଟତୀରା, ବନ୍ତ, ଭଦ୍ରକ

ବ୍ୟାକ୍ ପେଜ୍





# ଚକୋଲେଟ୍‌ର ଯାଦୁକର



ଏଇ ଦୁନିଆରେ ପ୍ରତିଭାର କିଛି ଅଭାବ ନାହିଁ। ଜଣେ ଜଣେ ବ୍ୟକ୍ତି ଏଭଳି ପ୍ରତିଭାର ଅଧିକାରୀ ହୋଇଥାଆନ୍ତି ଯେ, ଲାଗେ ତାଙ୍କ ପରି ଆଉ ଦ୍ୱିତୀୟ କେହି ହୋଇପାରିବେ ନାହିଁ। ସେମିତି ଜଣେ ପ୍ରତିଭା ହେଉଛନ୍ତି ଅମୌରୀ ଗୁଇଚୋନ୍। ପେସାରେ ସେ ଜଣେ ସେଫ୍। ସେ ଚକୋଲେଟ୍‌ରେ ଏମିତିସବୁ ଜିନିଷ ତିଆରି କରନ୍ତି ଯାହାକୁ ଦେଖିଲେ ଲାଗେ ସେସବୁ ଧାତୁରେ ନିର୍ମିତ ସତସତିକା କୌଣସି ଜିନିଷ। ତାଙ୍କ ଦ୍ୱାରା ନିର୍ମିତ ୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଟେଲିସ୍କୋପ ହେଉଛି ଏହାର ଏକ ବଡ଼ ଉଦାହରଣ। ଏହି ଟେଲିସ୍କୋପ୍‌କୁ ଦେଖିଲେ ଯେ କେହି ଭାବିବେ ତାହା ଧାତୁରେ ତିଆରି ସତ ସତିକା ଟେଲିସ୍କୋପ। କିନ୍ତୁ ବାସ୍ତବରେ ସେଇୟା ନୁହେଁ। ଉକ୍ତ ଟେଲିସ୍କୋପର ପ୍ରତି ଅଂଶ ତିଆରି ଚକୋଲେଟ୍‌ରେ। ହଁ, ସମସ୍ତଙ୍କର ପ୍ରିୟ ଚକୋଲେଟ୍‌ରେ ସେ ଏହାକୁ ତିଆରି କରିଛନ୍ତି। ଖାଲି ଟେଲିସ୍କୋପ ନୁହେଁ, ଅଣ୍ଡା, କିଙ୍ଗ କୋବ୍ରା, କିଙ୍ଗ୍ କଙ୍ଗ୍‌ଠୁ ଆରମ୍ଭ କରି ଗ୍ରାମୋଫୋନ୍, ଟେଲିଫୋନ୍, ଗୋରିଲା ଆଦିକୁ ସେ ଚକୋଲେଟ୍‌ରେ ତିଆରି କରିଛନ୍ତି। ଆଉ ସେଗୁଡିକ ଏତେ ବାସ୍ତବ ଲାଗେ ଯେ, ବିଶ୍ୱାସ କରିହୁଏନା ତାହା ଚକୋଲେଟ୍‌ରେ ତିଆରି ବୋଲି।

## କାର୍ଟୁନ କର୍ନର

